### ମହେନ୍ଦ୍ରଗିରିରେ ଅଣନିଃଶ୍ୱାସୀ କଳା ଟ୍ରାଫିକ୍ ଜାମ୍

# କମିଟି ସଦସ୍ୟଙ୍କ ମାଡ଼ରେ ପର୍ଯ୍ୟଟକଙ୍କ ମୁଣ୍ଡ ଫାଟିଲା

ରାୟଗଡ଼,୧।୧(ସମିସ):



ନୂଆବର୍ଷ ପାଇଁ ମହେନ୍ଦ୍ରଗିରି ପାହାଡ ଓ ଏହି ପର୍ଯ୍ୟଟନ ସ୍ଥଳୀକୁ ହଜାର ହଜାର ସଂଖ୍ୟାରେ ପର୍ଯ୍ୟଟକ ଆସିଥିବାବେଳେ ସେମାନଙ୍କ ସୁରକ୍ଷା ପାଇଁ ସ୍ଥାନୀୟ ପୁଲିସ ଓ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଯାହାକୁ ନେଇ ନୂଆବର୍ଷରେ ଏଠାରେ ପର୍ଯ୍ୟଟକ ଟ୍ରାଫିକ୍ ଜାମ୍‌ରେ ଘାଣ୍ଟି ହୋଇଥିବାବେଳେ ପାହାଡ଼ ଉପରକୁ ଗାଡ଼ି ନେବାକୁ ନେଇ କମିଟି ସଦସ୍ୟଙ୍କ ସହ ପର୍ଯ୍ୟଟକଙ୍କ ଗଣ୍ଡଗୋଳ ପରେ କମିଟି ସଦସ୍ୟଙ୍କ ମାଡ଼ରେ ପର୍ଯ୍ୟଟକଙ୍କ ମୁଣ୍ଡ ଫାଟିଛି। ଏନେଇ ସ୍ଥାନୀୟ ଥାନାରେ ଏତଲା ହୋଇଥିବା ଜଣାପଡ଼ିଛି।

ପ୍ରକାଶ ଯେ, ପର୍ଯ୍ୟଟକଙ୍କ ସୁରକ୍ଷା ଦୃଷ୍ଟିରୁ ପାହାଡ଼ ଉପରକୁ ଯାତ୍ରୀବାହୀ ଚାରିଚକିଆ ଯାନ ବ୍ୟତୀତ ଭାରିଯାନ ଓ ଭ୍ୟାନ୍ ଯିବା ପାଇଁ ଇକୋ ଡେଭଲପ୍‌ମେଣ୍ଟ କମିଟି ପକ୍ଷରୁ କଟକଣା ଜାରି କରାଯାଇ ସେମାନଙ୍କୁ ବୁରଖତଠାରେ ଗାଡ଼ି ଗୁଡ଼ିକୁ ଅଟକା ଯାଉଛି। ଏହାରି ଭିତରେ କେତେକ ଅମାନିଆ ଉପରକୁ ଯିବାକୁ ଜିଦ୍ କରିବାରୁ ଅଧିକାଂଶ ସମୟରେ ଗେଟ୍ ପାଖରେ କମିଟି ସଦସ୍ୟ ଓ ପର୍ଯ୍ୟଟକଙ୍କ ମଧ୍ୟରେ ପାଟିତୁଣ୍ଡ ହେଉଛି। ଏପରିକି କମିଟି ସଦସ୍ୟ ଓ ପର୍ଯ୍ୟଟକ ମୁହାଁମୁହିଁ ହେଉଥିବାବେଳେ ମହେନ୍ଦ୍ରଗିରି ପାହାଡ଼ ଉପରେ ମଧ୍ୟ ଟ୍ରାଫିକ୍ ସମସ୍ୟା ଉପୁଜିଛି। ବାଇକ୍ ଓ ଚାରିଚକିଆ ଯାନଗୁଡ଼ିକ ରାସ୍ତା ମଝିରେ ପାର୍କିଂ କରିବାରୁ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଗାଡ଼ି ଗୁଡିକ ଗଲାବେଳେ ବିପରୀତ ଦିଗରୁ ଆସୁଥିବା ଆଉ ଏକ ଗାଡ଼ିକୁ ସାଇଡ୍ ଦେବାରେ ମଧ୍ୟ ସମସ୍ୟା ସୃଷ୍ଟି ହେଉଛି। ସୁରକ୍ଷା ଦୃଷ୍ଟିରୁ କୌଣସି ପ୍ରକାର ବ୍ୟବସ୍ଥା କରାଯାଇ ନାହିଁ। ଫଳରେ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେଉ ନଥିବାରୁ ପର୍ଯ୍ୟଟକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

ବୁଧବାର ଏକ ପିକ୍‌ଅପ୍ ଭ୍ୟାନ ବୁରଖତରେ ପହଞ୍ଚିଥିଲା। ସେହି ଗାଡିରେ ବସିଥିବା ଲୋକେ ଉପରକୁ ଯିବାକୁ ଜିଦ୍ ଧରିଥିବା ବେଳେ ସେଠାକାର କମିଟି ସଦସ୍ୟ ମାନେ ବାରଣ କରିଥିଲେ। ଏହାକୁ ନେଇ ସେଠାରେ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହେବା ସହ ହାତାହାତି ହୋଇଥିଲା। ସେଠାରେ ପୁଲିସ କିମ୍ବା ପ୍ରଶାସନିକ ଅଧିକାରୀ ନଥିବାରୁ ମାର୍‌ପିଟ୍ ପର୍ଯ୍ୟନ୍ତ କଥାଯାଇଥିଲା। ମାଡ଼ରେ ଜଣେ ପର୍ଯ୍ୟଟକଙ୍କ ମୁଣ୍ଡ ଫାଟି ଥିବାବେଳେ ଏନେଇ ଗାରାବନ୍ଧ ଥାନାରେ ଏତଲା ମଧ୍ୟ ହୋଇଛି। ପର୍ଯ୍ୟଟକଙ୍କ ସୁରକ୍ଷା ଓ ଟ୍ରାଫିକ ନିୟନ୍ତ୍ରଣ ପାଇଁ ପ୍ରଶାସନ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି।



# ନୂତନ ସୂର୍ଯ୍ୟୋଦୟ ଦେଖିଲେ ହଜାର ହଜାର ଶ୍ରଦ୍ଧାଳୁ

**ରାୟଗଡ,୧।୧(ସମିସ):** ଗଜପତି ଜିଲ୍ଲା ରାୟଗଡ଼ ବ୍ଲକରେ ଥିବା ପୂଣ୍ୟକ୍ଷେତ୍ର ବା ପୁରାଣ ପ୍ରସିଦ୍ଧ ମହେନ୍ଦ୍ରଗିରିରେ ନବବର୍ଷର ପ୍ରଥମ ସୂର୍ଯ୍ୟୋଦୟ ଦେଖିଲେ ହଜାର ହଜାର ପର୍ଯ୍ୟଟକ। ଗୁରୁବାର ଦିନ ତମାମ ଗଞ୍ଜାମ, ଗଜପତି ଏବଂ ଆନ୍ଧ୍ରପ୍ରଦେଶର ପର୍ଯ୍ୟଟକଙ୍କ ଭିଡ଼ ଲାଗି ରହିଥିଲା। ମହେନ୍ଦ୍ରଗିରିର ପ୍ରାକୃତିକ ଶୋଭା ଅତ୍ୟନ୍ତ ମନୋରମ। ଯେଉଁଠାରେ ପ୍ରତ୍ୟେକ ଦିନ ଛଅଟି

**ଗଣ୍ଡାହାତୀ ଜଳପ୍ରପାତରେ ଅସମ୍ଭାଳ ଭିଡ଼**

ଋତୁ ଉପଲବ୍ଧ କରିହୁଏ ଏବଂ ଏକ ସମୟରେ ଚତୁର୍ଦ୍ଦିଗରେ ଚାରୋଟି ଋତୁର ବିଭିନ୍ନ ଦୃଶ୍ୟ ପରିଲକ୍ଷିତ ହୋଇଥାଏ। ଏହି ପର୍ବତରେ ସାମୟିକ ଭାବେ କୁହୁଡ଼ିର ଲୁଚକାଳି ଖେଳ ମଧ୍ୟରେ ଏକ ମିଟର ବ୍ୟବଧାନରେ ଥିବା ଅନ୍ୟ ବସ୍ତୁ କିମ୍ବା ବ୍ୟକ୍ତିଙ୍କୁ ଆଖି ଆଗରୁ ଅଦୃଶ୍ୟ କରାଇଦିଏ। ତେଣୁ ପ୍ରତ୍ୟେକ ସମୟରେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ। ସେହିପରି ନୂଆବର୍ଷ ପାଇଁ ପିକନିକ୍ ସ୍ପଟ୍ ରହିଥିଲା ଚଳଚଞ୍ଚଳ ଓ ଗଣ୍ଡାହାତୀ ଜଳପ୍ରପାତ ଠାରେ ପ୍ରବଳ ଭିଡ଼ ଜମିଥିଲା।

## ଜାତୀୟ ସେବା ଯୋଜନା ଶିବିର ଉଦ୍‌ଯାପିତ

**କୋଦଳା,୧।୧(ସମିସ):** ସ୍ଥାନୀୟ ଲକ୍ଷ୍ମୀନାରାୟଣ ସ୍ନାତକ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଶୀତକାଳୀନ ସ୍ୱତନ୍ତ୍ର ଶିବିର ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପ୍ରାଥମିକ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କୈଳାଶ ଚନ୍ଦ୍ର ନନ୍ଦ ଯୋଗଦେଇ କାର୍ଯ୍ୟକ୍ରମର ପ୍ରଶଂସା କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ରଘୁନାଥ ମୁଦୁଲି ଉପସ୍ଥିତ ସ୍ୱେଚ୍ଛାସେବୀଙ୍କୁ ଶିଖିଥିବା ଜ୍ଞାନ ସମାଜମୂଳକ ସେବାରେ ଉପଯୋଗ କରିବାକୁ ପ୍ରେରଣା ଦେଇଥିଲେ। ଏଥିରେ ଭାଗ ନେଇଥିବା ସମସ୍ତ ଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମର ସଂଯୋଜିକା ଅଧ୍ୟାପିକା ସାଗରିକା ଦାଶଙ୍କ ତତ୍ତ୍ୱାବଧାନରେ ୫୦ ଜଣ ସ୍ୱେଚ୍ଛାସେବୀ ଅଂଶଗ୍ରହଣ କରିଥିଲେ। ସେମାନଙ୍କୁ ସହଯୋଗ କରିବା ନିମନ୍ତେ ମହିଳା ସହାୟିକା ଭାରତୀ ମହାପାତ୍ର ସେବା ଶିବିରରେ ଉପସ୍ଥିତ ଥିଲେ।

## ବ୍ଲକ କର୍ମଚାରୀଙ୍କୁ ବିଦାୟ ସମ୍ବର୍ଦ୍ଧନା




**ଧରାକୋଟ,୧।୧(ସମିସ):** ଧରାକୋଟ ବ୍ଲକରେ କାର୍ଯ୍ୟରତ କନିଷ୍ଠ ସହାୟକ କାହ୍ନୁ ଚରଣ ପ୍ରଧାନଙ୍କୁ ବ୍ଲକ କର୍ମଚାରୀଙ୍କ ତରଫରୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏନେଇ ଆୟୋଜିତ କାର୍ଯ୍ୟକ୍ରମରେ ଅମେସ ବେହେରା ସଂଯୋଜନା କରିଥିବା ବେଳେ ଏବିଡିଓ ସୁଶିଲ ପଟନାୟକ ଏହାର ପରିଚାଳନା କରିଥିଲେ। ବିଡିଓ ସଂଗ୍ରାମ କେଶରୀ ଜେନା, ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରମୋଦ କୁମାର ପାଣିଗ୍ରାହୀ, ବିଭାଗୀୟ ଅଧିକାରୀ ସଞ୍ଜୟ ପରିଛା, ସହକାରୀ ଯନ୍ତ୍ରୀ ବିକ୍ରମ ସୋରେନ, ଡି କନ୍ୟା କୁମାରୀ, ବିଜୟଲକ୍ଷ୍ମୀ ସାହୁ, ଅର୍ଚ୍ଚନା ପଣ୍ଡା, କନିଷ୍ଠ ଯନ୍ତ୍ରୀ ପ୍ରଦୀପ ନାୟକ, ପ୍ରେମ ରଞ୍ଜନ ମହାପାତ୍ର, ସହକାରୀ ଯନ୍ତ୍ରୀ ଚିନ୍ମୟୀ ରାଉତ, ଏପିଓ ନନ୍ଦିନୀ ଦାସ, ସିଡିପିଓ ସୁନୀଲ ପ୍ରଭା ରଥ, ବିଏସଏସଓ ସଚିନ ପାତ୍ର, ବିପିସି କୃଷ୍ଣକାନ୍ତ ପଣ୍ଡା, ବିପିଏମ ପ୍ରତାପ ସ୍ୱାଇଁଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ରହିଥିଲେ।

## ଯୋଗାଣ ନିରୀକ୍ଷକଙ୍କ ଦାୟିତ୍ୱ ଗ୍ରହଣ

**ଧରାକୋଟ,୧।୧(ସମିସ):** ଧରାକୋଟ ବ୍ଲକର ନୂତନ ଯୋଗାଣ ନିରୀକ୍ଷକ ଭାବେ ବାଳକୃଷ୍ଣ ନାୟକ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଅବସରରେ ଡିଇଓ ରଶ୍ମୀରାଣୀ ପ୍ରଧାନ, ଯୋଗାଣ ସହାୟକ ସୁରେନ୍ଦ୍ର ଦାସ, ମଦନ ନାୟକ, ଗୋପାଳହରି ଗୌଡ଼, ଧନୁର୍ଦ୍ଧର ପଣ୍ଡା, ପୂର୍ଣ୍ଣଚନ୍ଦ୍ର ସାହୁ, ନୀଳମାଧବ ପ୍ରଧାନ ପ୍ରମୁଖ ତାଙ୍କୁ ସ୍ୱାଗତ କରିଥିଲେ। ନିଜ ପ୍ରତିକ୍ରିୟାରେ ଧାନମଣ୍ଡିର ସୁପରିଚାଳନା, ଚାଷୀମାନେ ଯେପରି ନିଜର ଉତ୍ପାଦିତ ଧାନ ସୁଚାରୁ ଭାବରେ ମଣ୍ଡିରେ ବିକ୍ରି କରିପାରିବେ ତାହା ଉପରେ ଦୃଷ୍ଟି ଦିଆଯିବ ବୋଲି ପ୍ରକାଶ କରିଥିଲେ। ପ୍ରକାଶ ଯୋଗ୍ୟ ଏଠାରେ ଥିବା ଯୋଗାଣ ନିରୀକ୍ଷକ ପଦୋନ୍ନତି ପାଇ ବ୍ରହ୍ମପୁର ଯିବା ପରେ ଶେରଗଡ଼ ନିରୀକ୍ଷକ ଅତିରିକ୍ତ ଦାୟିତ୍ୱରେ ରହିଥିଲେ।

### ଦୁର୍ଘଟଣାରେ ଦୁଇ ଯୁବକଙ୍କ ମୃତ୍ୟୁ ଘଟଣା

## ଗାଁ ଶ୍ମଶାନରେ ଜଳିଲା ଦୁଇ ସାଙ୍ଗଙ୍କ ଜୁଇ

**କୋଦଳା,୧।୧(ସମିସ):** ଗୁରୁବାର ଜିରୋ ନାଇଟ୍ ପାଳିବାକୁ ଜିନିଷପତ୍ର କିଣିବା ପାଇଁ ଯାଇଥିବାବେଳେ ସ୍କୁଟି ସହ ବାଇକ୍ ମୁହାଁମୁହିଁ ହେବାରୁ ୨ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କୋଦଳା କୁମୁଟି ସାହିର ମିଟୁ ଦାଶଙ୍କ ପୁଅ ରୁଦ୍ରନାରାୟଣ ଦାଶ (୧୮) ଏବଂ ସନ୍ତୋଷ ପାଢ଼ୀଙ୍କ ପୁତ୍ର ରଶ୍ମିରଞ୍ଜନ ପାଢ଼ୀ (୧୮)। ଶବ ବ୍ୟବଚ୍ଛେଦ ପରେ ଉଭୟଙ୍କ ମୃତଦେହ ଗାଁରେ ପହଞ୍ଚିଥିଲା। ଶୁକ୍ରବାର ଗାଁ ଶ୍ମଶାନରେ ଉଭୟଙ୍କ ଜୁଇ ଜଳିଛି। ସେହିପରି ଆରୋହୀ ବାଣପୁର ଅଞ୍ଚଳର ପବିତ୍ର ବିନ୍ଧାଣି ଗୁରୁତର ହୋଇ ବ୍ରହ୍ମପୁର ସ୍ଥାନାନ୍ତର ହୋଇଛନ୍ତି।

ପ୍ରକାଶ ଯେ, କୋଦଳା କୁମୁଟି ସାହିର ରୁଦ୍ରନାରାୟଣ ଦାଶ ଓ ରଶ୍ମିରଞ୍ଜନ ପାଢ଼ୀ ଗୋଟିଏ ବାଇକରେ ଜିରୋନାଇଟ ପାଳନ ପାଇଁ ଜିନିଷପତ୍ର ଆଣିବାକୁ କବିସୂର୍ଯ୍ୟନଗର ଯାଇ ସେଠାରୁ କୋଦଳା ଫେରୁଥିବାବେଳେ ବୁଢାଆମ୍ବ ନିକଟରେ ସାମ୍ନାରୁ ଆସୁଥିବା ପବିତ୍ରଙ୍କ ସ୍କୁଟି ସହ ମୁହାଁମୁହିଁ ଧକ୍କା ହୋଇଥିଲା। ସ୍ଥାନୀୟ ଲୋକେ ସମସ୍ତଙ୍କୁ ଉଦ୍ଧାରକରି କବିସୂର୍ଯ୍ୟନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତେବେ ଡାକ୍ତର ରୁଦ୍ରନାରାୟଣ ଓ ରଶ୍ମିରଞ୍ଜନକୁ ମୃତ ଘୋଷଣା କରିଥିବା ବେଳେ ଗୁରୁତର ଓ ଅନ୍ୟ ଦୁଇ ଆହାତଙ୍କୁ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରିଥିଲେ।

## ବାଇକ୍ ଦୁର୍ଘଟଣାରେ ଯୁବକ ମୃତ; ୨ ଗୁରୁତର

### ବେପରୁଆ ଗାଡ଼ି ଚାଳନାର କରୁଣ ପରିଣତି

**ଟିକାବାଲି,୧।୧(ସମିସ):** ଦୁଇ ଯୁବକ ଓ ଜଣେ ଯୁବତୀ ସ୍ପିଡ୍ ବାଇକ୍‌ରେ ଯାଉଥିଲେ। ଗାଡ଼ିରୁ ବଜାର ମଝିରେ ଗଳିପଡ଼ିଲେ ପଛରେ ବସିଥିବା ଯୁବତୀ। ଭୟରେ ଚାଳକ ତାଙ୍କୁ ଉଦ୍ଧାର ନକରି ଖସି ପଳାଉଥିବାବେଳେ ବାଇକ୍ ଦୁର୍ଘଟଣାଗ୍ରସ୍ତ ହେବାରୁ ପଛରେ ବସିଥିବା ଯୁବକଙ୍କ ମୃତ୍ୟୁ ଘଟିଥିବାବେଳେ ଗାଡ଼ିରୁ ଖସିପଡ଼ିଥିବା ଯୁବତୀ ଓ ବାଇକ୍‌ରେ ଚାଳକ ଗୁରୁତର ହୋଇ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ଏଭଳି ଦୁର୍ଘଟଣା ଘଟିଛି ଟିକାବାଲି ଥାନା ସାଲୁଙ୍କି ନଦୀ ଉଠାଣିରେ। ବେପରୁଆ ଓ ଦ୍ରୁତଗତିରେ ଗାଡ଼ି ଚାଳନା ଯୋଗୁ ଦୁର୍ଘଟଣା ଘଟିଥିବା ଜଣାପଡିଛି।

ପ୍ରକାଶ ଯେ, ପିକରଡ଼ି ଅଞ୍ଚଳରୁ ୨ ଯୁବକ ଜଣେ ଯୁବତୀଙ୍କ ସହ ଏକ କେଟିଏମ୍ ବାଇକ୍‌ରେ ଟିକାବାଲି ଆସୁଥିଲେ। ଟିକାବାଲି ବଜାର ମଝିରେ କୌଣସି କାରଣବଶତଃ ଯୁବତୀ ଜଣକ ଚଳନ୍ତା ବାଇକରୁ ଖସି ପଡ଼ିଥିଲେ। ଯୁବତୀଙ୍କୁ ପଡ଼ିଯିବା ଦେଖି ସ୍ଥାନୀୟ ଲୋକେ ରୁଣ୍ଡ ହୋଇଯାଇଥିଲେ। ଲୋକଙ୍କ ଆକ୍ରୋଶ ଓ ମାଡ଼ ଭୟରେ ବାଇକ୍ ଚଳାଉଥିବା ଯୁବକ ଜଣକ ଗାଡ଼ି ନଅଟକାଇ ଦ୍ରୁତ ଗତିରେ ସେଠାରୁ ଚମ୍ପଟ ମାରିଥିଲା। ବାଇକ୍ ଟିକାବାଲିରୁ ବାହାସାହି ଅଭିମୁଖେ ଯାଉଥିବା ବେଳେ ସାଲୁଙ୍କି ନଦୀ ଉଠାଣିରେ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ବାଇକ୍ ପଛରେ ବସିଥିବା ବୁର୍ବିନାଜୁ ଗାଁର କଳାକାନ୍ତ ପ୍ରଧାନ (୨୫)ଙ୍କ ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା। ବାଇକ୍ ଚାଳକ କଟିମାହା ପଞ୍ଚାୟତର ଦୀପକ କହଁର (୧୯) ଗୁରୁତର ଆହତ ହୋଇଥିଲେ। ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ଗୁରୁତରଙ୍କୁ ଉଦ୍ଧାର କରି ଟିକାବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପୂର୍ବରୁ ଆହତ ହୋଇଥିବା ଯୁବତୀଙ୍କ ଅବସ୍ଥା ମଧ୍ୟ ଗୁରୁତର ଥିବାରୁ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଖବର ପାଇ ଟିକାବାଲି ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି। ଥାନାରେ ଏକ ମାମଲା ରୁଜୁ କରାଯାଇଥିବା ଥାନା ଅଧିକାରୀଣୀ ପ୍ରଜ୍ଞା ରିତମ୍ଭରା କର କହିଛନ୍ତି। ଆସନ୍ତାକାଲି ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ପୁଲିସ ପକ୍ଷରୁ ସୂଚନା ମିଳିଛି।

## ୬୯ ଏକର ଜମିରୁ ଗଞ୍ଜେଇ ଗଛ ପୋଡ଼ାଗଲା

**ଟିକାବାଲି,୧।୧(ସମିସ):** ଟିକାବାଲି ଅଞ୍ଚଳରେ ବେଆଇନ ଗଞ୍ଜେଇ ଚାଷ ବିରୋଧରେ ପୁଲିସ ପକ୍ଷରୁ ଏକ ବଡ଼ ଧରଣର ଅଭିଯାନ ଚାଲିଛି। ଟିକାବାଲି ଥାନା ଅଧିକାରିଣୀ ପ୍ରଜ୍ଞା ରିତମ୍ଭରା କରଙ୍କ ନେତୃତ୍ୱରେ ପୁଲିସ ଓ ପ୍ରଶାସନ ମିଳିତ ଭାବେ ପ୍ରାୟ ୬୯ ଏକର ଜଙ୍ଗଲ ଜମିରେ ହୋଇଥିବା ବେଆଇନ ଗଞ୍ଜେଇ ଚାଷକୁ ନଷ୍ଟ କରିଛନ୍ତି।



ପ୍ରକାଶ ଯେ, ବ୍ଲକ ଅଧୀନସ୍ଥ କଇଁଝର ପଞ୍ଚାୟତର ଜିଗିନାଗାଁ ଏବଂ ଚକାପାଦ ବ୍ଲକର ଶଙ୍କରାଖୋଲ ପଞ୍ଚାୟତ ଅନ୍ତର୍ଗତ ବାରଡ଼ି ସାହି ଓ ଲେଙ୍ଗେରଖୋଲ ଆଦି ଅଞ୍ଚଳରେ ବ୍ୟାପକ ଭାବେ ଗଞ୍ଜେଇ ଚାଷ ହୋଇଥିବା ପୁଲିସ ଖବର ପାଇଥିଲା। ପୁଲିସ ସଦଳବଳ ପହଞ୍ଚି ପ୍ରାୟ ୬୮ ହଜାର ୯୯୯ ଗଞ୍ଜେଇ ଗଛକୁ କାଟି ଘଟଣାସ୍ଥଳରେ ପୋଡ଼ି ନଷ୍ଟ କରିଛି। ଏହି ଅଭିଯାନରେ ଟିକାବାଲି ତହସିଲଦାର ହରିଶ ଚନ୍ଦ୍ର ପ୍ରଧାନ ମାଜିଷ୍ଟ୍ରେଟ ଭାବେ ଉପସ୍ଥିତ ଥିବା ବେଳେ ଏସ.ଆଇ ଅବନୀ ପ୍ରଧାନ, ପଞ୍ଚାନନ ମଳିକ, ହୋମଗାର୍ଡ ଏବଂ ଏସ୍‌ଜି ଯବାନମାନେ ସାମିଲ ଥିଲେ।

## ଖ୍ରୀଷ୍ଟମାସ ସଭାରେ ପାରଳା ବିଧାୟକ




**ଗୁମ୍ମା,୧।୧(ସମିସ):** ଗୁମ୍ମା ବ୍ଲକ ଅଞ୍ଚଳର ଖ୍ରୀଷ୍ଟମାସ ସଭାରେ ପାରଳାଖେମୁଣ୍ଡି ବିଧାୟକ ରୂପେଶ କୁମାର ପାଣିଗ୍ରାହୀ ଯୋଗ ଦେଇଥିଲେ। ନୂତନ ବର୍ଷ ଅବସରରେ ସ୍ଥାନୀୟ ବିଧାୟକ ରୂପେଶ କୁମାର ପାଣିଗ୍ରାହୀ ଖ୍ରୀଷ୍ଟମାସ ସଭାରେ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ବିଧାୟକ ପ୍ରଥମେ କୃଷ୍ଣଚନ୍ଦ୍ରପୁର, ଗୁମ୍ମା ଖ୍ରୀଷ୍ଟିଆନ ସାହି, ସୁକେଇ ମଣ୍ଡଳୀ ଓ ବୁରୁଡିଙ୍ଗ ମଣ୍ଡଳୀରେ ଅନୁଷ୍ଠିତ ସଭାରେ ଯୋଗ ଦେଇ ସମସ୍ତ ଖ୍ରୀଷ୍ଟିଆନ ଭାଇଭଉଣୀଙ୍କୁ ନୂତନ ବର୍ଷର ଅଭିନନ୍ଦନ ଜଣାଇବା ସହିତ ଗୁମ୍ମା ଅଞ୍ଚଳବାସୀଙ୍କ ଶୁଭକାମନା କରି ପ୍ରାର୍ଥନା କରିଥିଲେ। ପରେ ସଭାରେ ଆୟୋଜିତ ସମସ୍ତ କାର୍ଯ୍ୟକ୍ରମରେ ଭାଗ ନେଇ ସ୍ଥାନୀୟ ଖ୍ରୀଷ୍ଟିଆନ ଭାଇଙ୍କ ସହିତ ଭାଇଚାରା ସ୍ଥାପନା କରି ସଭାରେ ସ୍ନେହଶ୍ରଦ୍ଧା ସାଉଁଟି ଥିବା କହିଛନ୍ତି ବିଧାୟକ ପାଣିଗ୍ରାହୀ।

## ଏଣିକି ମାଗଣାରେ ଯାତ୍ରା କରିବେ ସମସ୍ତ ଛାତ୍ରଛାତ୍ରୀ

**ଗୁମ୍ମା,୧।୧(ସମିସ):** ଛାତ୍ରଛାତ୍ରୀ ମାନଙ୍କ ଅଭିଯୋଗ ପ୍ରକାରେ ଗତବର୍ଷ ନଭେମ୍ବର ୨୧ରେ 'ସକାଳ' ଖବର କାଗଜରେ ଛାତ୍ରଛାତ୍ରୀଙ୍କୁ ମାଗଣା ବସ୍ ଯାତ୍ରା ନେଇ ବିସ୍ତୃତ ଭାବେ ଖବର ପ୍ରକାଶ ପାଇଥିଲା। ସରକାରୀ ସ୍କୁଲରେ ପଢୁଥିବା ପ୍ରଥମରୁ ଦ୍ୱାଦଶ ପର୍ଯ୍ୟନ୍ତ ସମସ୍ତ ଛାତ୍ରଛାତ୍ରୀଙ୍କୁ ମୁଖ୍ୟମନ୍ତ୍ରୀ ବସ୍ ସେବା ଯୋଜନାରେ ମାଗଣାରେ ଯାତାୟାତ ପାଇଁ ସରକାର ନିଷ୍ପତ୍ତି ନେଇଥିଲେ। କିନ୍ତୁ ଘୋଷଣାକୁ ୩ ମାସ ପରେ ମଧ୍ୟ କାର୍ଯ୍ୟକାରୀ ହେଉନଥିବା ଅଭିଭାବକ ଏବଂ ଛାତ୍ରଛାତ୍ରୀଙ୍କ ଅଭିଯୋଗ ପରେ ଖବର ପ୍ରକାଶ ପାଇଥିଲା। ଏନେଇ ମୁଖ୍ୟମନ୍ତ୍ରୀ ବସ ଯୋଜନାରେ ୨୦୨୬ ଏକ ତାରିଖ ଠାରୁ ରାଜ୍ୟର ସମସ୍ତ ବିଦ୍ୟାଳୟରେ ପାଠ ପଢୁଥିବା ଛାତ୍ରଛାତ୍ରୀଙ୍କୁ ମାଗଣା ଯାତ୍ରା ତୁରନ୍ତ କାର୍ଯ୍ୟକାରୀ କରିବା ସହ ଆଇକାଡର୍ ଓ ୟୁନିଫର୍ମ ପିନ୍ଧିଥିଲେ ମୁଖ୍ୟମନ୍ତ୍ରୀ ବସରେ ଭଡ଼ା ଦେବାକୁ ପଡ଼ିବ ନାହିଁ ବୋଲି ରାଜ୍ୟ ସରକାର ପକ୍ଷରୁ ରାଜ୍ୟର ସମସ୍ତ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଓ ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଏବଂ ପରିବହନ



**'ସକାଳ' ପ୍ରଭାବ**

ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ଏନେଇ ଓଡ଼ିଶା ରାଜ୍ୟ ପରିବହନ ନିଗମ ଜିଲ୍ଲା ପରିଚାଳକ ତନ୍ମୟ କୁମାର ପ୍ରଧାନ ସମସ୍ତ ଛାତ୍ରଛାତ୍ରୀଙ୍କୁ ଟିକେଟ ଦିଆଯିବ କିନ୍ତୁ ଟଙ୍କା ବ୍ୟୟମୁକ୍ତ ରହିବ ଏବଂ ଛାତ୍ରଛାତ୍ରୀ ମାନଙ୍କ ଟିକଟ ବାବଦରେ ଟଙ୍କା ରାଜ୍ୟ ସରକାର ବହନ କରିବେ ବୋଲି କହିଛନ୍ତି। ଏନେଇ ଛାତ୍ରଛାତ୍ରୀ ଓ ଅଭିଭାବକ ମହଲରେ ଆନନ୍ଦ ଓ ଉଲ୍ଲାସର ଖେଳିଯାଇଥିବା ସହିତ ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ନବବର୍ଷକୁ ସ୍ୱାଗତ; ମନ୍ଦିର ଲୋକାରଣ୍ୟ

**ଶେରଗଡ଼,୧।୧(ସମିସ):** ୨୦୨୬ ନବବର୍ଷକୁ ଶେରଗଡରେ ସ୍ୱାଗତ କରାଯାଇଛି। ଅଞ୍ଚଳ ତଥା ପରିବାରର ଶୁଭ ମନାସୀ ଗୁରୁବାର ଶେରଗଡ଼ ଅଞ୍ଚଳର ସମସ୍ତ ମନ୍ଦିରରେ ଗହଳି ଚହଳି ଲାଗି ରହିଥିଲା। ନିଜ ପରିବାରର ଶୁଭ ମନାସି ଶେରଗଡର ଆରାଧ୍ୟ ଠାକୁର ପ୍ରଭୁ ଶ୍ରୀ ଜଗନ୍ନାଥ ମନ୍ଦିରରେ ଭିଡ ଲାଗି ରହିଥିଲା। ହଜାର ହଜାର ଭକ୍ତ ମନ୍ଦିରରେ ପହଞ୍ଚି ଠାକୁରଙ୍କୁ ଦର୍ଶନ କରିବା ସହ ନିଜର ଏବଂ ପରିବାରର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ଶେରଗଡ ଅଞ୍ଚଳରେ ଥିବା ବିଭିନ୍ନ ମନ୍ଦିରରେ ଭକ୍ତଙ୍କ ଗହଳି ଲାଗି ରହିଛି। ଶେରଗଡ ଅଞ୍ଚଳରେ ଆଧାରିକ ପରିବେଶ ସୃଷ୍ଟି ହୋଇଛି। ପ୍ରଶାସନ ଓ ଅଞ୍ଚଳବାସୀ ସହଯୋଗ କରିଥିବା ବେଳେ ଶେରଗଡରେ ପୁଲିସ ଶାନ୍ତି ଶୃଙ୍ଖଳା ବଜାୟ ରଖିଛି। ସେହିପରି ୨୦୨୫କୁ ବିଦାୟ ଏବଂ ୨୦୨୬କୁ ସ୍ୱାଗତ କରିଥିଲେ ଶେରଗଡବାସୀ।

# ଶୁଭେଚ୍ଛା ଓ ସ୍ୱାଗତରେ କଟିଲା ନୂଆବର୍ଷର ପ୍ରଥମ ଦିନ






ପାରଳାଖେମୁଣ୍ଡି,୧।୧(ସମିସ):

ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡିରେ ଧୁମ୍‌ଧାମ୍‌ରେ ଜିରୋନାଇଟ୍ ପାଳନ କରାଯାଇଥିବାବେଳେ ଆତସବାଜିରେ ନୂଆବର୍ଷକୁ ସ୍ୱାଗତ କରାଯାଇଛି। ବୁଧବାର ରାତିରେ ବିଭିନ୍ନ ସ୍ଥାନରେ ଭୋଜିଭାତ ସହ ୧୨ଟା ପରେ ପରସ୍ପରକୁ ନୂତନ ବର୍ଷର ଶୁଭେଚ୍ଛା ଜଣାଇଥିଲେ। ସେହିପରି ବିଭିନ୍ନ ରାଜନୈତିକ ଦଳର କର୍ମକର୍ତ୍ତା ସେମାନଙ୍କ ନେତାଙ୍କୁ ଗୁରୁବାର ସକାଳୁ ଭେଟି ନବବର୍ଷର ଅଭିନନ୍ଦନ ଜଣାଇଥିଲେ। ସ୍ଥାନୀୟ ହାଇଟେକ୍ ପ୍ଲାଜାରେ ପାରଳାଖେମୁଣ୍ଡି ବିଧାୟକ ଇଂ.ରୂପେଶ କୁମାର ପାଣିଗ୍ରାହୀଙ୍କୁ ବିଭିନ୍ନ ମହଲର ଲୋକେ ଏବଂ ବିଜେଡି ନେତା ଓ କର୍ମୀ ଭେଟି ଅଭିନନ୍ଦନ ଜଣାଥିଲେ। ଏହାସହ କେକ୍ କଟାଯାଇଥିଲା। ସେହିପରି ସରକାରୀ କର୍ମଚାରୀ ସେମାନଙ୍କ ଅଧିକାରୀଙ୍କୁ ଭେଟି ନୂତନବର୍ଷର ଶୁଭେଚ୍ଛା ଜଣାଇଥିଲେ। ନୂତନବର୍ଷ ସମସ୍ତଙ୍କ ପାଇଁ ମଙ୍ଗଳମୟ ହେଉ ବୋଲି ବିଧାୟକ କହିଥିଲେ।

ସେହିପରି ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ପୂର୍ବତନ ବିଧାୟକ ତଥା ରାଜ୍ୟ ଉପସଭାପତି କେ.ନାରାୟଣ ରାଓଙ୍କୁ ମଧ୍ୟ ଦଳୀୟ ନେତା ଓ କର୍ମୀ ଭେଟି ନୂତନବର୍ଷର ଅଭିନନ୍ଦନ ଜଣାଇଥିଲେ। ଗୁରୁବାର ସକାଳୁ ବିଭିନ୍ନ ମଠ ମନ୍ଦିରରେ ଭିଡ଼ ଜମିଥିଲା। ନୂଆବର୍ଷ ପାଇଁ ଗଜପତି ଜିଲ୍ଲାର ଗଣ୍ଡାହାତୀ ଜଳପ୍ରପାତ ଠାରୁ ଆରମ୍ଭ କରି ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ, ସବୁଜିମା ମଧ୍ୟରେ ରହିଥିବା ଜଳପ୍ରପାତ ଗୁଡ଼ିକରେ ଭୋଜିଭାତର ଆସର ଜମିଥିଲା।

# ‘ପ୍ରଗତି ପାଇଁ ପ୍ରତିଜ୍ଞା’ରେ ସାମିଲ ହେଲେଣି ୫୦ ହଜାରରୁ ଊର୍ଦ୍ଧ୍ୱ

**ଛତ୍ରପୁର,୧।୧(ସମିସ):**

ନବବର୍ଷ ଗଞ୍ଜାମ ଜିଲ୍ଲାରେ ଅନେକ ନୂଆ ଓ ଅଭିନବ ଆଶାର ସଞ୍ଚାର କରିଛି। ସରକାରୀ ଛୁଟି ନଥିବା ହେତୁ ନୂଆବର୍ଷର ପ୍ରଥମ କାର୍ଯ୍ୟ ଦିବସରେ ସମସ୍ତ ଜିଲ୍ଲା କାର୍ଯ୍ୟାଳୟରେ ସମସ୍ତ ଅଧିକାରୀ ଓ କର୍ମଚାରୀମାନେ କାର୍ଯ୍ୟରେ ଯୋଗ ଦେଇଥିଲେ। ପୂର୍ବରୁ ଜିଲ୍ଲାପାଳଙ୍କ ନିବେଦନ/ନିର୍ଦ୍ଦେଶ ଜାରୀ ହୋଇ ଥିବାରୁ ସମସ୍ତ

## ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଲେ ଜିଲ୍ଲାପାଳ

ପଦାଧିକାରୀଙ୍କୁ ସାକ୍ଷାତ କରି ଶୁଭେଚ୍ଛା ପ୍ରଦାନ କରିବା ପାଇଁ ଆସୁଥିବା ବ୍ୟକ୍ତି ଖାଲି ହାତରେ ଆସୁଥିବା ଦେଖାଯାଇଥିଲା। କିଛି ବ୍ୟକ୍ତି ନିଜ ସହ ଛୋଟ ଛୋଟ ଗଛ/ଚାରା ନେଇ ଆସିଥିବା ଦେଖାଯାଇଥିଲା। ଜିଲ୍ଲାପାଳଙ୍କ ସମେତ ସମସ୍ତ ଅଧିକାରୀମାନେ ସାକ୍ଷାତ କରିବାକୁ ଆସୁଥିବା ଲୋକମାନଙ୍କୁ ପରିବେଶ ସୁରକ୍ଷା ପାଇଁ ସଚେତନ କରାଉଥିବା ଦେଖିବାକୁ ମିଳିଥିଲା। ଏହା ସହିତ ସାମ୍ବାଦିକମାନଙ୍କୁ ମଧ୍ୟ ନୂତନ ବର୍ଷରେ ଗଛ



ଦେଇ ଏହାର ଯତ୍ନ ନେବାକୁ କହିଥିଲେ। ଜିଲ୍ଲାର ସମସ୍ତ ଜନସାଧାରଣଙ୍କୁ ପରିବେଶ ସୁରକ୍ଷା ନିମନ୍ତେ “ପ୍ରଗତି ପାଇଁ ପ୍ରତିଜ୍ଞା’ ନିମନ୍ତେ ଜିଲ୍ଲାପାଳ ଅନୁରୋଧ କରିଥିଲେ। ଏଥିରେ ୫୦ ହଜାରରୁ ଅଧିକ ଲୋକ ସାମିଲ ହୋଇ ସାରିଲେଣି। ଏଥିସହିତ ଜିଲ୍ଲାର ପ୍ରବେଶିକା ପରୀକ୍ଷା ଆଶାୟୀ ପ୍ରଶିକ୍ଷାର୍ଥୀଙ୍କୁ ତାଲିମ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଆରମ୍ଭ ହେବାକୁ ଯାଉଥିବା “ଲକ୍ଷ୍ୟ ନିକେତନ’ କାର୍ଯ୍ୟକ୍ରମକୁ ସମସ୍ତେ ଉଚ୍ଚ ପ୍ରଶଂସା କରିଥିଲେ। ଲୋକଙ୍କ ଅଭିଯୋଗଙ୍କୁ ପ୍ରାଧାନ୍ୟ ଦିଆଯାଉଛି। ଜିଲ୍ଲାସ୍ତରରୁ ପଞ୍ଚାୟତ ସ୍ତରରେ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଚାଲିଛି, ଯାହାଫଳରେ ପୂର୍ବରୁ ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣିରେ ୪ ଶହ ରୁ ୫ ଶହ ଶୁଣାଣି ହେଉଥିବା ବେଳେ ଏବେ ପଞ୍ଚାୟତସ୍ତର ଚାଲିଥିବାରୁ ଏହା ଧୀରେ ଧୀରେ କମିବାକୁ ଲାଗିଛି। ବର୍ତ୍ତମାନ ଜିଲ୍ଲାସ୍ତରରେ ୧୦୦ରୁ ୧୫୦ ଅଭିଯୋଗ ଆସୁଛି। ଜିଲ୍ଲାର ଜନସାଧାରଣଙ୍କୁ ପ୍ରଶାସନିକ ସେବା ଆହୁରି ସୁରୁଖୁରୁରେ ପ୍ରଦାନ କରିବାକୁ ଜିଲ୍ଲାରେ ଖୁବ୍‌ଶୀଘ୍ର ‘ଇ-ନିବେଦନ’ରେ ହ୍ୱାଟ୍‌ସଆପ ଏବଂ ଚାର୍ଟ ମାଧ୍ୟମରେ ଅଭିଯୋଗ କରିବା ସୁବିଧା ଆରମ୍ଭ କରାଯାଉଥିବା ନେଇ ଜିଲ୍ଲାପାଳ ଭି. କୀର୍ତ୍ତିଭାସନ ସୂଚନା ଦେଇଛନ୍ତି। ଲୋକଙ୍କ ଅଭିଯୋଗ ଏକତ୍ରିତ କରି ସଂପୃକ୍ତ ବିଭାଗର ପଦାଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରି ଜନସାଧାରଣଙ୍କୁ ସେବା ଯୋଗାଇଦେବାକୁ ସହଯୋଗ କରିବା ପାଇଁ ଏକ ସେଲ୍ ଗଠନ କରାଯିବ ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି। ଏହି ଅବସରରେ ସବୁଜ ଗଞ୍ଜାମ ସୁନ୍ଦର ଗଞ୍ଜାମ ବାର୍ତ୍ତା ନେଇ ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତିଭାସନ ନିଜ କାର୍ଯ୍ୟାଳୟରେ ବୃକ୍ଷ ରୋପଣ କରିଥିଲେ। ତାଙ୍କ ସହିତ ଅତିରିକ୍ତ ଜିଲ୍ଲାପାଳ ଡ଼ଃ ପ୍ରମୋଦ କୁମାର ପୃଷ୍ଟି ଏବଂ ଅନ୍ୟାନ୍ୟ କର୍ମଚାରୀ ମାନେ ମଧ୍ୟ ବୃକ୍ଷରୋପଣ କରିଥିଲେ।

# ଅସହାୟଙ୍କ ସହ ନବବର୍ଷ ପାଳିଲା ରାଧେଶ୍ୟାମ ଫାଉଣ୍ଡେସନ୍



**ଛତ୍ରପୁର,୧।୧(ସମିସ):** ଅସହାୟଙ୍କ ସହ ଦିନ କଟାଇ ସେମାନଙ୍କୁ ରାସନ ସାମଗ୍ରୀ କିଟ୍ ବଣ୍ଟନ କରିବା ସହିତ ମିଷ୍ଟାନ ପ୍ରଦାନ କରି ନିଆରା ଢଙ୍ଗରେ ନୂଆବର୍ଷ ପାଳନ କରିଛନ୍ତି ଛତ୍ରପୁରର ଏନ୍‌ଏସି ୧୦ନଂ ୱାର୍ଡ କାଉନ୍‌ସିଲର ତଥା ରାଧେଶ୍ୟାମ ଫାଉଣ୍ଡେସନ ଏଣ୍ଡ ଚାରିଟେବୁଲ ଟ୍ରଷ୍ଟ ସଭାପତି ଦେବାଶିଷ ମିଶ୍ର। ଏନେଇ ଛତ୍ରପୁର ସ୍ଥିତ ଗୌରୀଶଙ୍କର କଲ୍ୟାଣ ମଣ୍ଡପରେ ଶ୍ରୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ଯୋଗଦେଇ ଟ୍ରଷ୍ଟର ଏଭଳି କାର୍ଯ୍ୟକୁ ପ୍ରଶଂସା କରିବା ସହିତ ଅସହାୟଙ୍କୁ ରାସନ ସାମଗ୍ରୀ କିଟ ବଣ୍ଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଛତ୍ରପୁର ଏନଏସିର ୩ ନଂ ୱାର୍ଡ କାଉନସିଲର ମାମା ସେଠି, ୫ନଂ ୱାର୍ଡ କାଉନସିଲର ଡି. ଇନ୍ଦୁ, ୬ନଂ ୱାର୍ଡ କାଉନସିଲର ମମତା ପାତ୍ର, ୯ ନଂ ୱାର୍ଡ କାଉନସିଲର ପ୍ରିତିଛନ୍ଦା ସାମଲ, ୧୨ନଂ ୱାର୍ଡ କାଉନସିଲର ବି. ନିଶ୍ଚଳା ସ୍ୱାମୀ, ୧୩ ନଂ ୱାର୍ଡ କାଉନସିଲର ସୁମନ୍ତ ନାହାକ, ଯୁବନେତା ବନୋଜ ନାହାକ, ସ୍ୱାଭିମାନ ସ୍ୱେଚ୍ଛାସେବୀ ସଂଗଠନ ସଭାପତି ପ୍ରଶାନ୍ତ କୁମାର ମହାରଣା, ୟୁଥ ମାସ ସେବା ସଂଘର ସମ୍ପାଦକ ସୟଦ ମୁକ୍ତାର, ଯଶୋଦା ଫାଉଣ୍ଡେସନର ଟ୍ରଷ୍ଟି ସାଗରିକା ପଣ୍ଡା, ଟ୍ରଷ୍ଟ ଉପଦେଷ୍ଟା ପ୍ରଶାନ୍ତ କୁମାର ଶତପଥି, ଉପସଭାପତି ଅଟଳ ବିହାରୀ ପଟ୍ଟନାୟକ, ସମ୍ପାଦିକା ଝିଲି ବାଳା ରାଉତ ଓ ଯୁଗ୍ମ -ସମ୍ପାଦିକା ଗୀତାଞ୍ଜଳି ସାହୁ, ପୂର୍ବତନ କାଉନସିଲର ବି. ରାଜୁ ବାବୁ, ରୁଷି କୂଲ୍ୟା ରୟତ ମହାସଭାର ସମ୍ପାଦକ ସୀମାଞ୍ଚଳ ନାହାକ, ଶିକ୍ଷକ ନେତା ରବି ନାରାୟଣ ବେହେରା, ବି. ଗୋପାଳ ସ୍ୱାମୀ ଓ ଗଣ ମାଧ୍ୟମ ପ୍ରତିନିଧି ମାନେ ଯୋଗଦେଇଥିଲେ।

# ତାରାତାରିଣୀ ପୀଠରେ ଶ୍ରଦ୍ଧାଳୁଙ୍କ ସମାଗମ



**ପୁରୁଷୋତ୍ତମପୁର,୧।୧(ସମିସ):** ଗଞ୍ଜାମ ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା’ ତାରାତାରିଣୀଙ୍କ ପୀଠରେ ଇଂରାଜୀ ନୂଆବର୍ଷର ଭୋରରୁ ଭକ୍ତଙ୍କ ଭିଡ଼ ଲାଗିଛି। ଜିଲ୍ଲା ଓ ଜିଲ୍ଲାବାହାରୁ ବହୁ ଶ୍ରଦ୍ଧାଳୁ ମା’ଙ୍କୁ ଦର୍ଶନ କରି ଆଶିର୍ବାଦ ଲାଭ ପାଇଁ ନୂଆବର୍ଷ ଆରମ୍ଭରେ ଛୁଟି ଆସିଛନ୍ତି। ସେହିପରି ନିଜେ ଗଞ୍ଜାମ ଜିଲ୍ଲାପାଳ ଭି.କୀର୍ତ୍ତୀ ଭାସନ ମଧ୍ୟ ମା’ଙ୍କ ଠାରୁ ଆଶିଷ ନେବା ପାଇଁ ପହଞ୍ଚିଥିଲେ ମା’ଙ୍କ ମନ୍ଦିରରେ। ଜିଲ୍ଲାପାଳଙ୍କ ସହ ଛତ୍ରପୁର ଉପ ଜିଲ୍ଲାପାଳ ସୁବାଶିଷ ବରାଳ, ଜିଲ୍ଲା ପ୍ରକଳ୍ପ ଅଧିକାରୀ ବିଜୟ କୁମାର ବେହେରା, ତହସିଲଦାର ବିନୋଦ ବେହେରା, ବିଡିଓ ଶରତ କୁମାର ପାତ୍ର, ଅତିରିକ୍ତ ତହସିଲଦାର ସଙ୍ଗୀତା ସେଠୀ, କେ. ଦେବାଷିସ ମହାପାତ୍ରଙ୍କ ସମେତ ସମସ୍ତ ପୂଜକ ସମସ୍ତ ଲାଇନ ବିଭାଗ ମଧ୍ୟ ସାଙ୍ଗରେ ରହିଥିଲେ। ମନ୍ଦିରର ଉନ୍ନତି କାର୍ଯ୍ୟ କିପରି ଚାଲିଛି ସେନେଇ ତଦାରଖ କରିଥିଲେ। ନୂଆ ବର୍ଷରେ ମା’ଙ୍କୁ ବିଭିନ୍ନ ରୀତିନୀତିରେ ପୂଜାର୍ଚ୍ଚନା ମଧ୍ୟ କରାଯାଉଛି। ଭକ୍ତଙ୍କ ଭିଡକୁ ନେଇ ଶାନ୍ତି ଶୃଙ୍ଖଳା ପାଇଁ ପୁଲିସ ପ୍ରଶାସନ ସଜାଗ ରହିଥିଲେ।

# ତୋରଣ ଓ ବ୍ୟାନରରେ ରାଜନେତାଙ୍କ ନବବର୍ଷ ବାର୍ତ୍ତା

**ଶେରଗଡ,୧।୧(ସମିସ):** ଶେରଗଡ ସହର ତଥା ଏହାର ଆଖପାଖ ଅଞ୍ଚଳରେ ଗୁରୁବାର ନବବର୍ଷକୁ କିଏ କେଉଁ ଭଳି ପାଳନ କରିଛି। ଗୁରୁବାର ନବବର୍ଷ ପଡୁଥିବା ହେତୁ ବିଭିନ୍ନ ବ୍ୟକ୍ତି ବିଶେଷ ମନ୍ଦିରକୁ ଯାଇ ୨୦୨୬ ମସିହାଟି ଭଲରେ କଟୁ ବୋଲି ଠାକୁରଙ୍କ ନିକଟରେ ପ୍ରାର୍ଥନା କରୁଥିବା ଦେଖାଯାଇଥିଲା। ଅପରପକ୍ଷରେ ଶେରଗଡ ଅଞ୍ଚଳବାସୀଙ୍କୁ ନୂତନ ବର୍ଷର ଅଭିନନ୍ଦନ ବାର୍ତ୍ତା ଜଣାଇବା ଲାଗି ବିଭିନ୍ନ ଦଳର ତୁଙ୍ଗ ନେତା ତଥା ଆଗଧାଡିର ନେତାମାନେ ବିଭିନ୍ନ ଜନଗହଳିପୂର୍ଣ୍ଣ ସ୍ଥାନ ମାନଙ୍କରେ ଟାଙ୍ଗିଥିବା ଫ୍ଲାକ୍ସ, ବ୍ୟାନରରେ ଶେରଗଡ ଅଞ୍ଚଳ ଝଲସୁଥିବା ଦେଖିବାକୁ ମିଳିଥିଲା। ଶାସକ ଦଳର ବିଭିନ୍ନ ଆଗଧାଡିର ନେତାଙ୍କ ସହ ଭାରତୀୟ ଜନତା ପାର୍ଟିର ପ୍ରଧାନମନ୍ତ୍ରୀଙ୍କ ଫଟୋ ଥିବା ତୋରଣ ଓ ବ୍ୟାନର ବିଭିନ୍ନ ଜନଗହଳିପୂର୍ଣ୍ଣ ସ୍ଥାନ ମାନଙ୍କରେ ଛାଇ ହୋଇଯାଇଛି।

# ପୋଲସରାରେ ଖୋଲିଲା ଧାନମଣ୍ଡି

**ପୋଲସରା,୧।୧(ସମିସ):** ପୋଲସରାରେ ବ୍ଲକସ୍ତରୀୟ ଧାନ ସଂଗ୍ରହ କେନ୍ଦ୍ର କଣଛାଇ ପଞ୍ଚାୟତରେ ଆରମ୍ଭ ହୋଇଯାଇଛି। ପୋଲସରା ତହସିଲଦାର ଦିପ୍ତିମୟୀ ପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମତ୍ସ୍ୟ ଓ ପଶୁ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲିକ ଯୋଗଦେଇ ଧାନ କ୍ରୟ କେନ୍ଦ୍ରକୁ ଉଦଘାଟନ କରିଛନ୍ତି। ପୋଲସରା ଅଞ୍ଚଳର ଚାଷୀ ଏବଂ ମିଲର ଭିତରେ ସୁସମ୍ପର୍କ ରଖିବା ପାଇଁ ସବୁ ସ୍ତରରୁ ଉଦ୍ୟମ ଜାରି ରଖିବା ସହ କୌଣସି ଅଧିକାରୀ ରାଜନୈତିକ ଚାପରେ ଛନ୍ଦି ନ ହୋଇ ସମସ୍ତ ଚାଷୀଙ୍କ ଠାରୁ ଧାନ କ୍ରୟ କରାଯିବ ବୋଲି ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ପୋଲସରା ବ୍ଲକରୁ ଚଳିତ ବର୍ଷ ମୋଟ ୫୮୦୦ ଚାଷୀଙ୍କ ଠାରୁ ମୋଟ ୨ଲକ୍ଷ ୮ହଜାର ମେଟ୍ରିକ ଟନ୍ ଧାନ କ୍ରୟ କରାଯିବା ଏବଂ ଧାନ କ୍ରୟର ମାତ୍ର ୪୮ ଘଣ୍ଟା ଭିତରେ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟ ରେ ଧାନ ପଇସା ଡିପୋଜିଟ ହେବ ବୋଲି ଖାଦ୍ୟ ନିରୀକ୍ଷକ ଅଧିକାରୀ ସନ୍ଦୀପ ବେହେରା ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ସମସ୍ତ ବିଭାଗୀୟ ସରକାରୀ ଅଧିକାରୀ, ବ୍ଲକ କୃଷି ଅଧିକାରୀ ଗଣେଶ୍ୱର ସାହୁ, ବୁଗୁଡ଼ା ଏନ୍‌ଏସି



ଅଧକ୍ଷ ଚିତ୍ରସେନ ପ୍ରଧାନ, ବ୍ଲକ ଉପାଧକ୍ଷ ମାନସ ରଞ୍ଜନ ପ୍ରଧାନ, ସମାଜସେବୀ ପ୍ରଭାକର ପଣ୍ଡା, ସରପଞ୍ଚ ପ୍ରତିନିଧି କପିଳେଶ୍ୱର ଦାସ, ଏଆରସିଏସ୍ ଛତ୍ରପୁର ମଣ୍ଡଳ ଯୋଗମାୟା ସାବତ, ଆରଏମ୍‌ସି ହିଞ୍ଜିଳିକାଟୁ ସମ୍ପାଦକ ବିନାୟକ ବିଶ୍ୱାଳ, କଣଛାଇ ସେବା ସମବାୟ ସମିତିର ସଭାପତି ଭଞ୍ଜ ସାହୁ, ସମାଜସେବୀ ପ୍ରକାଶ ଚନ୍ଦ୍ର ଦାସ, ସମସ୍ତ ସମବାୟ ସମିତି ର ସମ୍ପାଦକ, ମିଲର ସଙ୍ଘ, କୃଷକ ସଙ୍ଘ ସମେତ ଶତାଧିକ ମହିଳା ଓ ପୁରୁଷ ଚାଷୀ ଓ ଅଞ୍ଚଳବାସୀ ଉପସ୍ଥିତ ଥିଲେ। ରୁମାଗଡ ସେବା ସମବାୟ ସମିତି ସଭାପତି ରଘୁନାଥ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ।

# ସାମ୍ବାଦିକଙ୍କ ସହ ନୂଆବର୍ଷ ପାଳିଲେ ବିଧାୟକ



**ଛତ୍ରପୁର,୧।୧(ସମିସ):** ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ନବବର୍ଷ ନିଆରା ଢଙ୍ଗରେ ପାଳନ କରିଛନ୍ତି। ପ୍ରଥମେ ଗରିବ ଅସହାୟ ବ୍ୟକ୍ତିଙ୍କ ସହ କିଛି ସମୟ ବିତାଇବା ପରେ ଛତ୍ରପୁର ସାମ୍ବାଦିକ ମାନଙ୍କ ସହ ମିଶି ନୂତନ ବର୍ଷର ନିଆରା ଅନୁଭୂତି ସାଉଁଟିଛନ୍ତି। ସାମ୍ବାଦିକଙ୍କୁ ନିଜେ ବିଧାୟକ ଶ୍ରୀ ନାୟକ ମିଷ୍ଟାନ ବାଣ୍ଟିବା ସହ ନୂତନ ବର୍ଷର ଅଭିନନ୍ଦନ ଜଣାଇଥିଲେ। ଏହି ଅବସରରେ ସାମ୍ବାଦିକ ମାନେ ବିଧାୟକଙ୍କୁ ମଧ୍ୟ ମିଷ୍ଟାନ୍ନ ଖୁଆଇବା ସହ ଅଭିନନ୍ଦନ ଜଣାଇଥିଲେ। ଏହା ସହିତ ବିଧାୟକ ସାମ୍ବାଦିକମାନଙ୍କ ସହ ନିର୍ବାଚନମଣ୍ଡଳୀର ଉନ୍ନତିମୂଳକ କାର୍ଯ୍ୟ ସମ୍ବନ୍ଧରେ ଆଲୋଚନା କରିଥିଲେ। ଏହି ଅବସରରେ ଓଡିଶା ସାମ୍ବାଦିକ ସଂଘ ଗଞ୍ଜାମ ଜିଲ୍ଲାର ଉପସଭାପତି ପ୍ରଶାନ୍ତ କୁମାର ମହାରଣା, ଛତ୍ରପୁର ପ୍ରେସ୍‌କ୍ଲବ ସଭାପତି ସରୋଜ କୁମାର ସାମଲ, ଉପସଭାପତି ପ୍ରଦୀପ କୁମାର ସାହୁ, ଯୁଗ୍ମ ସମ୍ପାଦକ ସନ୍ତୋଷ କୁମାର ସାହୁ, ଯୁବ ସାମ୍ବାଦିକ ବସନ୍ତ କୁମାର ମହାରଣା, ସୁଜୟ ସୁପ୍ରକାଶ ଧଳ, ସନ୍ତୋଷ କୁମାର ସାହୁ, ଭଗବାନ ଦାଶ, ଗୌରପ୍ରସାଦ ମହାପାତ୍ର, କିଶୋର ଚନ୍ଦ୍ର ମହାନ୍ତି କେ. ରମେଶ, ରବୀନ୍ଦ୍ର ନାହାକ ଏବଂ ଯୁବ ନେତା ବନୋଜ ନାହାକ ପ୍ରମୁଖ ଉପସ୍ଥିତ ଥିଲେ।

# ନୂଆବର୍ଷ ଲାଗି ଶାନ୍ତିଝରରେ ଭିଡ଼

**ଧରାକୋଟ,୧।୧(ସମିସ):** ଧରାକୋଟ ଗଡ ନିକଟରେ ଥିବା ପ୍ରାକୃତିକ ଶୋଭାରଜିରେ ଭରପୁର ପର୍ଯ୍ୟଟନ ସ୍ଥଳୀ ଶାନ୍ତିଝର ପୀଠରେ ନୂଆ ବର୍ଷ ଅବସରରେ ଶହ ଶହ ପର୍ଯ୍ୟଟକ ଭିଡ ଜମାଇଥିଲେ। ଭିଡକୁ ଦୃଷ୍ଟିରେ ରଖି ଶାନ୍ତିଝର ଉନ୍ନୟନ କମିଟି ପକ୍ଷରୁ ସଭାପତି ସୁନୀଲ ଚୌଧୁରୀ ସ୍ୱତନ୍ତ୍ର ଭାବରେ ପରିବେଶର ସ୍ୱଚ୍ଛତା, ପିଇବା ପାଣିର ସୁ ବନ୍ଦୋବସ୍ତ,



ପାର୍କିଂ ବ୍ୟବସ୍ଥା, ବଜାର ବ୍ୟବସ୍ଥା ପାଇଁ ଉପଯୁକ୍ତ ସ୍ଥାନ ନିରୂପଣ କରିଥିଲେ। ଶାନ୍ତିଝର ପୀଠର ତଳ ଭାଗରେ ଭୋଜି ଭାତ କରିବା ସହ ମା କଠୁଲିଆ ଦେବୀ, ମଧ୍ୟରେ ଥିବା ମା ଗଡଚଣ୍ଡୀ ଓ ଉପର ଭାଗରେ ଥିବା ହନୁମାନ ବାଟିକା କୁ ପର୍ଯ୍ୟଟକ ମାନେ ବୁଲି ଦେଖିଥିଲେ। ଏହା ଛଡା ଶିଶୁ ଉଦ୍ୟାନ, ସେଲଫି ପଏଣ୍ଟ, ଲଭର୍ସ ପଏଣ୍ଟରେ ବେଶ ଭିଡ ଜମାଇଥିଲେ ପର୍ଯ୍ୟଟକ। ସଂପ୍ରତି ଶାନ୍ତିଝର ପରିସରରେ ଶଙ୍କର ଗିରିରେ ଆଦି ଯୋଗି ଶଙ୍କରଙ୍କ ଏକ ପ୍ରତିମୂର୍ତ୍ତି ନିର୍ମାଣ ପାଇଁ ଉନ୍ନୟନ କମିଟି ପକ୍ଷରୁ ନିଷ୍ପତ୍ତି ନିଆଯାଇ କାର୍ଯ୍ୟ ଆରମ୍ଭ କରାଯାଇଛି। ଯାହାକି ଶାନ୍ତିଝର ପୀଠର ଶୋଭା ବର୍ଦ୍ଧନ ରେ ଯଥେଷ୍ଟ ସହାୟକ ହେବ ଏବଂ ପର୍ଯ୍ୟଟକ ମାନଙ୍କୁ ଆହୁରି ଆକର୍ଷିତ କରିବ। ଏହି ପୀଠକୁ ପକ୍କା ରାସ୍ତା ନିର୍ମାଣ, ଭିତ୍ତିଭୂମିର ବିକାଶ, ସୌନ୍ଦର୍ଯ୍ୟ କରଣ,ଆଲୋକି କରଣ ଭଳି କାର୍ଯ୍ୟର ଆବଶ୍ୟକତା ରହିଛି। ଏଣୁ ରାଜ୍ୟ ସରକାର ପର୍ଯ୍ୟଟନ ମାନଚିତ୍ରରେ ଶାନ୍ତିଝର ପୀଠକୁ ସାମିଲ କରି ଏହାର ବିକାଶ କରିବା ପାଇଁ ଅଞ୍ଚଳବାସି ଦାବି କରିଛନ୍ତି।

# ବିଜେପିରେ ସାମିଲ ହେଲେ ୮୦ ପରିବାର



**ପାତ୍ରପୁର,୧।୧(ସମିସ):** ଚିକିଟି ନିର୍ବାଚନ ମଣ୍ଡଳୀ ବିଜେପି ପକ୍ଷରୁ ପାତ୍ରପୁର ସ୍ଥିତ ଦଳୀୟ କାର୍ଯ୍ୟାଳୟରେ ବୁଧବାର ଏକ ମିଶ୍ରଣପର୍ବ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ମିଶ୍ରଣ ପର୍ବରେ ତଣ୍ଡିପୁର ପଞ୍ଚାୟତର ନୂଆପେଣ୍ଠ, ଆମ୍ବଗାଁ ସାହି, ପଦାଦିଗି ପଞ୍ଚାୟତର ବାରିକ ସାହି, ମର୍ଦ୍ଦରାଜପୁର, ଗୁଲାସାହି ଗ୍ରାମର ପ୍ରାୟ ୮୦ରୁ ଊର୍ଦ୍ଧ୍ୱ ପରିବାର ବିଜେପିରେ ସାମିଲ ହୋଇଛନ୍ତି। ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା ସମସ୍ତଙ୍କୁ ଦଳୀୟ ଉତ୍ତରୀୟ ଦେଇ ଦଳକୁ ସ୍ୱାଗତ କରିଥିଲେ। ମିଶ୍ରଣ ପର୍ବ ବେଳେ ସାଂସଦ ପ୍ରତିନିଧି ମିନା ଦ୍ୟାନସାମନ୍ତରା, ବରିଷ୍ଠ ବିଜେପି ନେତା ସନ୍ତୋଷ ପାତ୍ର, ଇଶ୍ଚୁରୁ ବାଲକ୍ରିଷ୍ଣା ରେଡି, ବାଲାଜୀ ପାଢୀ ସଦାନନ୍ଦ ନାୟକ, ସାମନ୍ତିଆପଲ୍ଲି ସରପଞ୍ଚ, ସମିତି ସଭ୍ୟ, ପାତ୍ରପୁର ମଣ୍ଡଳ ସଭାପତି ପ୍ରମୁଖ ଉପସ୍ଥିତ ଥିଲେ। ପାତ୍ରପୁରର ୩୪ନଂ ଜୋନର ପୂର୍ବତନ ଜିଲ୍ଲା ପରିଷଦ ମହେନ୍ଦ୍ର ସେଠୀ, କୈଳାଶ ସେଠୀ ଏବଂ କେଶପୁର ଗ୍ରାମର କୃତିବାସ ପ୍ରଧାନ ଏବଂ ତାଙ୍କ ପୁଅ ମଧ୍ୟ ବିଧିବଦ୍ଧ ଭାବେ ବିଜେପିରେ ସାମିଲ ହୋଇଛନ୍ତି।

## ରାତିରେ ଗାଁରେ ପଶି ପ୍ରାର୍ଥନା କରିବାକୁ ଉଦ୍ୟମ

# ମାଡ଼ ଖାଇଲେ ପାଷ୍ଟର, ୪ ଖ୍ରୀଷ୍ଟ ଧର୍ମାବଲମ୍ବୀ ପରିବାର

**ନାରାୟଣପାଟଣା,୧।୧(ସମିସ):** ନାରାୟଣପାଟଣା ବ୍ଲକ ସଦର ଗାଦବାଗୁଡ଼ା ଗାଁ ର ହିନ୍ଦୁ ପରିବାର ଓ ଖ୍ରୀଷ୍ଟ ଧର୍ମ ପରିବାରକୁ ନେଇ ବିବାଦ ମୁଣ୍ଡ ଟେକିଛି। ଏକ ବଡ଼ ବିପଦକୁ ଟାଳି ଦେଇଛି ପୋଲିସ। ଗତକାଲି ନୂଆବର୍ଷକୁ ସ୍ୱାଗତ ପାଇଁ ପୁରା ଗାଁଠୁ ସହର ଜିରୋ ନାଇଟ୍ ସେଲିବ୍ରେସନ ପାଇଁ ଉତ୍ସବ ମୁଖର ହୋଇପଡ଼ିଥିବା ବେଳେ ଗାଗବାଗୁଡା ଗାଁରେ ଜଣେ ଖ୍ରୀଷ୍ଟ ଧର୍ମାବଲାମ୍ବୀ ପ୍ରଚାରକ ତଥା ପାଷ୍ଟର ସମେତ ୪ ପରିବାର ଜବରଦସ୍ତ ପଶି ପ୍ରାର୍ଥନା କରିବାକୁ ଚେଷ୍ଟା କରୁଥିବା ବେଳେ ଗ୍ରାମବାସୀ କାବୁ କରି ନିର୍ଦ୍ଧୁମ ମାଡ଼ ମାରିଥିଲେ। ଗାଁ ମୁଣ୍ଡରେ ବାନ୍ଧି ପୋଲିସକୁ ସୁଚନା ଦେଇଥିଲେ। ଖବର ପାଇ ପୁଲିସ ପାଷ୍ଟର ସମେତ ୪ ଜଣକୁ ଉଦ୍ଧାର କରି ରାତି ଅଧରେ ଥାନାକୁ ଆଣି ଅଟକ ରଖିଛି। ଏହି ପାଷ୍ଟର ସମେତ ୪ ପରିବାର ରାତିରେ ଯାଇ ଖ୍ରୀଷ୍ଟ ଧର୍ମ ଗ୍ରହଣ କରିବାକୁ ଲୋକଙ୍କୁ ପ୍ରବର୍ତାଇଥିଲେ।ଯାହାକୁ ନେଇ ବିବାଦ ଗାଦବାଗୁଡା ଗାଁରେ ମୁଣ୍ଡ ଟେକିଥିଲା। ଏହି ଖବର ଶୁଣି ଗାଁ ଲୋକେ କାବୁ କରି ୫ ଜଣକୁ ମାଡ ମାରି ପୋଲିସକୁ ସୂଚନା ଦେଇଥିଲେ।

ଗ୍ରାମବାସୀଙ୍କ କହିବାନୁସାରେ ଗାଦବାଗୁଡା ଗାଁରେ କୁଇ (କନ୍ଧ ସମାଜର ) ସମସ୍ତେ ରହିଥିଲେ। ଜଣେ ପାଷ୍ଟର ଆସି ଗୋଟିଏ ବଂଶର ୪ ପରିବାର ବର୍ଗଙ୍କୁ ମିଛ ପ୍ରତିଶ୍ରୁତି ଦେଇ ଜୋର ଜବରଦସ୍ତ ଖ୍ରୀଷ୍ଟ ଧର୍ମ ଗ୍ରହଣ କରାଇଥିଲେ। ଅନ୍ୟ ପରିବାରକୁ ଧର୍ମ ପରିବର୍ତ୍ତନ କରିବାକୁ ଉସୁକାଇ ଆସୁଥିଲେ ପାଷ୍ଟର ଅଶୋକ ତୁରୁକ। ଗାଁ ମୁଣ୍ଡରେ ପ୍ରାର୍ଥନା କରେଇ ଗାଁରେ ଅଶାନ୍ତ ସୃଷ୍ଟି କରୁଥିଲେ। ଗାଁର ହିନ୍ଦୁ ଭାଇଚାରା ପରମ୍ପରା ନଷ୍ଟ କରୁଥିଲେ। ଏହି ଧର୍ମ ପରିବର୍ତ୍ତନ ଯୋଗୁଁ ବର୍ଷକ ମଧ୍ୟରେ ୭ଜଣ ଗ୍ରାମବାସୀଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ କରି ଗତବର୍ଷ ନଭେମ୍ବର ପ୍ରଥମ ସପ୍ତାହରେ ଗାଁ ପ୍ରବେଶ ପଥ ସିଲ୍ କରି ଗାଁ ଲୋକେ ଝାଙ୍କେରୀ ଦେବୀଙ୍କୁ ପୂଜା କରିବା ବିଷୟ ସାରା ରାଜ୍ୟରେ ଚର୍ଚ୍ଚାର ବିଷୟ ପାଲଟିଥିଲା। ପ୍ରଶାସନ ଗାଁରେ ପହଞ୍ଚି ବୁଝାସୁଝା କରିବା ପରେ ରାସ୍ତାରୋକ ହଟିଥିଲା। ତେବେ ଗତକାଲି ଏହି ଗାଁରେ ଖ୍ରୀଷ୍ଟଧର୍ମର ପ୍ରଚାରକ ଗାଁ ରେ ପଶି ଜବରଦସ୍ତି ପ୍ରାର୍ଥନା କରି ଆଦିବାସୀଙ୍କୁ ଧର୍ମ ପରିବର୍ତନ କରିବାକୁ ଉସୁକାଉଥିବା ଅଭିଯୋଗ ହୋଇଥିଲା। ଥାନା ଅଧିକାରୀ କୋରାପୁଟ ଯାଇଥିବାରୁ ସେ ଆସିଲେ ଯାଇ କିଛି ସମାଧାନର ପନ୍ଥା ବାହାରିବ ବୋଲି ସୂଚନା ମିଳିଛି। ଅନ୍ୟପଟେ ଅଟକ ଥିବା ପାଷ୍ଟର ଓ ଖ୍ରୀଷ୍ଟ ଧର୍ମ ଗ୍ରହଣ କରିଥିବା ୪ ପରିବାର କହିଛନ୍ତି ଯେ ସେମାନେ କୈଣସି ଖରାପ କାମ କରି ନାହାନ୍ତି। ସେମାନଙ୍କୁ ଗାଁରୁ ବାସନ୍ଦ କରାଯାଇଛି। ପାଷ୍ଟରଙ୍କୁ ଡକାଇ ନୂଆବର୍ଷ ପାଇଁ ପ୍ରାର୍ଥନା କରିବାକୁ ଯାଉଥିବାରୁ ଗାଁ ଲୋକେ ସେମାନଙ୍କୁ ମାଡ଼ ମାରିଛନ୍ତି। ଶାନ୍ତି କମିଟି ଗଠନ କରି ସମାଧାନ କରିବାକୁ ସେମାନେ ଦାବି କରିଛନ୍ତି।

# ଜୟପୁରକୁ ବିମାନ ଭଡ଼ା ବୃଦ୍ଧି




**ଜୟପୁର, ୧।୧(ସମିସ) :** କୋରାପୁଟ ଜିଲ୍ଲା ଜୟପୁର ଠାରୁ ଭୁବନେଶ୍ୱର ଏବଂ ବିଶାଖପାଟଣାକୁ ଚଳଚାଳ କରୁଥିବା ଯାତ୍ରୀବାହୀ ବିମାନର ଭଡା ବୃଦ୍ଧି କରାଯାଇଛି। ହଠାତ୍ ଯାତ୍ରୀଭଡ଼ା ପ୍ରାୟ ୫୦୦ରୁ ୧ ହଜାର ମଧ୍ୟରେ ବୃଦ୍ଧିକୁ ନେଇ ଯାତ୍ରୀ ଅସନ୍ତୋଷ ପ୍ରକାଶ କରିବା ସହିତ ଏହା ନୂତନ ବର୍ଷରେ ଯାତ୍ରୀଙ୍କୁ ବିମାନ ଚଳାଚଳ ଦାୟୀତ୍ୱରେ ରହିଥିବା ଇଣ୍ଡିଆ ୱାନ୍ କମ୍ପାନୀର ଭେଟି ବୋଲି ଆଲୋଚନା ହେଉଛି। ଗତ ୨୦୨୨ ମସିହା ଠାରୁ ଆରମ୍ଭ ହୋଇଥିବା ୯ ସିଟ ବିଶିଷ୍ଟ ଏହି ଯାତ୍ରୀବାହୀ ବିମାନ ବିମାନ ସେବା ପୂର୍ବରୁ ଭୁବନେଶ୍ୱର ପାଇଁ ଯାତ୍ରୀ ଭଡା ୩ ହଜାର ୬୭୪ ଟଙ୍କା ରହିଥିବା ବେଳେ ଆଜି ଠାରୁ ଏହାର ଦର ବୃଦ୍ଧି କରାଯାଇ ୪ ହଜାର ୬୨୦ ଟଙ୍କା ଧାର୍ଯ୍ୟ କରାଯାଇଛି। ସେହିପରି ବିଶାଖପାଟଣାକୁ ପୂର୍ବରୁ ୨୫୦୦ ଟଙ୍କା ରହିଥିବା ବେଳେ ବର୍ତ୍ତମାନ ଏହାକୁ ବୃଦ୍ଧି କରାଯାଇ ୩୦୪୦ ଟଙ୍କା ରହିଛି। ପ୍ରକାଶ ଯେ, ଉପାନ୍ତ ଅବିଭକ୍ତ କୋରାପୁଟ ଜିଲ୍ଲାକୁ ଭୁବନେଶ୍ୱରକୁ ବିମାନ ସେବା ନେଇ କେନ୍ଦ୍ର ସରକାରଙ୍କ ଉଡାନ ଯୋଜନାରେ ଗତ ୨୦୨୨ ମସିହା ୩୧ ତାରିଖରେ ୯ ସିଟ ବିଶିଷ୍ଟ ବିମାନ ସେବାର ଶୁଭାରମ୍ଭ ହୋଇଥିଲା। ଏହାର କିଛି ଦିନ ପରେ ବିଶାଖପାଟଣାକୁ ମଧ୍ୟ ଏହି ବିମାନା ଯାତ୍ରା ଜୟପୁର ଠାରୁ ଆରମ୍ଭ କରିଥିଲା। ଲୋକଙ୍କ ଯାତ୍ରାର ଚାହିଦା ଏବଂ ଦାବି ଅନୁଯାୟୀ ୨୦୨୩ ମସିହା ନଭେମ୍ବର ମାସରୁ ଅପରାହ୍ଣରେ ୨ୟ ବିମାନ ସେବା ଆରମ୍ଭ ହୋଇଥିଲା। ନିତିଦିନିଆ ଏହି ବିମାନ ସେବା ଆରମ୍ଭ ହୋଇଥିବା ବେଳେ ପ୍ରଥମ ବିମାନ ଭୁବନେଶ୍ୱରରୁ ଜୟପୁର ଆସିବା ପରେ ପୁଣି ଫେରିଯାଉଛି। ଦ୍ୱିତୀୟ ବିମାନ ଭୁବନେଶ୍ୱର ଠାରୁ ଯାତ୍ରା ଆରମ୍ଭ କରିବା ପରେ ଜୟପୁର ଠାରେ ପହଞ୍ଚି ଏଠାରୁ ବିଶାଖପାଟଣା ଯାଇ ପୁଣି ଜୟପୁର ଫେରିବା ସହିତ ଭୁବନେଶ୍ୱର ଯାତ୍ରା କରୁଛି।

